କଣ ଆପଣଙ୍କ ବୀମା କମ୍ପାନୀ ଆପଣଙ୍କ କଥା ଶୁଣୁଛି?

ଯଦି ଆପଣଙ୍କ ବୀମା କମ୍ପାନୀ ଆପଣଙ୍କ
ଅଭିଯୋଗର ସମାଧାନ କରୁନାହିଁ
ତେବେ ସମ୍ପର୍କ କରନ୍ତୁ।

ଆଇଆରଡିଏ ଗ୍ରୀଏଭାନ୍ସ କଲ୍ ସେଣ୍ଟର:

ଟୋଲ୍ ଫ୍ରୀ ନଂ.: 155255

ଏବଂ ଆପଣଙ୍କ ଅଭିଯୋଗ ଦାଖଲ କରନ୍ତୁ ଓ ତାଙ୍କ ସ୍ଥିତିର ଅନୁସନ୍ଧାନ କରନ୍ତୁ
ବା ଆପଣ ଲଗ୍ ଅନ୍ କରନ୍ତୁ complaints@irda.gov.in

A public awareness initiative by

ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ
INSURANCE REGULATORY AND
DEVELOPMENT AUTHORITY
Promoting insurance. Protecting insured.
www.irdaindia.org

ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ
INSURANCE REGULATORY AND
DEVELOPMENT AUTHORITY

Bima Bemisaal

ମୋଟର ବୀମା ଉପରିସ୍ଥ
ପୁସ୍ତିକା

ବିଷୟ- ସୂଚୀ

1. ଏହି ପୁସ୍ତିକା ବିଷୟରେ 1
2. ମୋଟର ବୀମା 2
3. ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନ 5
4. ପଲିସୀଧାରକଙ୍କୁ ସେବା ଦେବାର ଟିଏଟି 14
5. ଯଦି ଆପଣଙ୍କର କୌଣସି ଅଭିଯୋଗ ରହିଛି 15

1. ଏହି ପୁସ୍ତିକା ବିଷୟରେ

ଏହି ପୁସ୍ତିକ ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏ) ଦ୍ୱାରା **ମୋଟର ବୀମା** ଉପରେ ଏକ ମାର୍ଗ ଦର୍ଶିକା ରୂପେ ପ୍ରସ୍ତୁତ କରାଯାଇଛି ଏବଂ ଏହା କେବଳ ସାଧାରଣ ସୂଚନା ପ୍ରଦାନ କରିଥାଏ। ଏଠାରେ ଦିଆଯାଇଥିବା କୌଣସି ବି ସୂଚନା ସମ୍ବନ୍ଧିତ ଆଇନ୍, ନିୟମ ବା ବିନିୟମ ପ୍ରାବଧାନର ସ୍ଥାନ ନେଇ ନଥାଏ ବା ପ୍ରାଧାନ୍ୟ ବାଜାଇ ରଖି ନଥାଏ।

ପଲିସୀ ବିଷୟରେ ବିଶିଷ୍ଟ ସୂଚନା ପାଇଁ ବା କୌଣସି ଅନ୍ୟ ଅତିରିକ୍ତ ସୂଚନା ପାଇଁ ଦୟାକରି କୌଣସି ଲାଇସେନ୍ସଧାରୀ ଏଜେଣ୍ଟ ବା ବ୍ରୋକର ବା ଆଇଆର୍‌ଡିଏ ସହିତ ପଞ୍ଜିକୃତ କୌଣସି ବୀମା କମ୍ପାନୀ ସହିତ ସମ୍ପର୍କ କରନ୍ତୁ।

2. ମୋଟର ବୀମା

- **ମୋଟର ବୀମା କଣ ଅଟେ:**

  ମୋଟର ବୀମା ବାହନ ମାଲିକଙ୍କୁ ଏହାର କ୍ଷତି ପ୍ରତି ଆଇନ ଅନୁସାରେ ନିର୍ଦ୍ଧାରିତ କୌଣସି ତୃତୀୟ ପକ୍ଷର ଦେୟତା ପାଇଁ ପରିଶୋଧ କରିଥାଏ। ତୃତୀୟ ପକ୍ଷ ବୀମା ଅନିର୍ବାଯ୍ୟ ଅଟେ। କୌଣସି ସାର୍ବଜନିକ ସ୍ଥାନରେ ବାହାନର ଉପଯୋଗ କାରଣରୁ ତୃତୀୟ ପକ୍ଷର ଜୀବନ ବା ସମ୍ପତ୍ତିକୁ କ୍ଷତି ବା ନଷ୍ଟ ପହଞ୍ଚିବା ପାଇଁ ବାହନ ମାଲିକଙ୍କୁ ଆଇନ ଅନୁସାରେ ଜବାବ ପ୍ରଦାନ କରିବାକୁ ହୋଇଥାଏ। କୌଣସି ସାର୍ବଜନିକ ସ୍ଥାନରେ ବୀମା ବିନା ମୋଟର ବାହନ ଚଲାଇବା ମୋଟର ବାହନ ଅଧିନିୟମ ୧୯୮୮ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ।

- **ମୋଟର ବୀମା କଭର୍‌ର ପ୍ରକାର:**

  ମୋଟ୍ ଉପରେ ଦୁଇ ପ୍ରକାର ବୀମା ପଲିସୀ ରହିଥାଏ ଯାହା ମୋଟର ବୀମା କଭର ପ୍ରଦାନ କରିଥାଏ:

  ଏ. କେବଳ ଦେୟତା ପଲିସୀ (ବିଧିକ ଆବଶ୍ୟକତା)

  ବି. ପ୍ୟାକେଜ୍ ପଲିସୀ (କେବଳ ଦେୟତା ପଲିସୀ + ବାହନ ମାଲିକର କ୍ଷତି ଯାହାକୁ ସାଧାରଣତଃ ଓ.ଡି. କଭର କୁହାଯାଏ)

  ଯଦି ଆପଣ କେବଳ ଦେୟତା ପଲିସୀ ଖରିଦ କରନ୍ତି ତେବେ ଆପଣଙ୍କ ବାହନର କ୍ଷତି କଭର କରାଯିବ ନାହିଁ। ଏଥିପାଇଁ ପ୍ୟାକେଜ୍ ପଲିସୀ ନେବା ଶ୍ରେୟସ୍କର ହେବ ଯାହା ଏକ ବ୍ୟାପକ କଭର ପ୍ରଦାନ କରିଥାଏ, ଯେଉଁଥିରେ ଆପଣଙ୍କ ବାହନ ପାଇଁ କଭର ସାମିଲ ଅଟେ।

- **ମୋଟର ବୀମା କଣ କଭର କରିଥାଏ:**

  ନିମ୍ନୋକ୍ତ ରିସ୍କ କାରଣରୁ ବାହନକୁ ହେଉଥିବା କ୍ଷତି ମୋଟର ବୀମା ପଲିସୀର ଓଡି ଧାରା ଅଧୀନରେ କଭର କରାଯାଇଥାଏ:

  ଏ) ନିଆଁ, ବିସ୍ଫୋଟ, ସ୍ୱତଃ ଜଳିଯିବା, ବିଜୁଳି ମାରିବା

  ବି) ଲୁଟ୍/ଘରଭଙ୍ଗା/ଚୋରୀ

  ସି) ଦଙ୍ଗା ଓ ହଡତାଳ

  ଡି) ଭୂକମ୍ପ

  ଇ) ବନ୍ୟା, ବାତ୍ୟା, ଘୂର୍ଣ୍ଣିବାତ୍ୟା, ତୁଫାନ, ପ୍ରବଳ ଝଡ, ଜଳ ପ୍ଲାବନ, ବରଫ ବୃଷ୍ଟି, ତୁଷାରପାତ

  ଏଫ୍) ବାହ୍ୟ କାରକରୁ ଦୁର୍ଘଟଣା

  ଜି) ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା

  ଏଚ୍) ଆତଙ୍କି କାର୍ଯ୍ୟ

  ଆଇ) ରେଳ/ସଡକ, ଅନ୍ତର୍ଦ୍ଦେଶୀୟ ଜଳମାର୍ଗ, ଲିଫ୍ଟ, ଏଲିଭେଟର ବା ବାୟୁ ଦ୍ୱାରା ଯାତ୍ରା ସମୟରେ

  ଜେ) ଭୂସ୍ଖଳନ/ପଥର ଖସିବା

- **ମୋଟର ବୀମାରେ କଣ ସାମିଲ ନୁହେଁ:**

  ନିମ୍ନଲିଖିତ ଆପଦ ସ୍ଥିତି ସାଧାରଣତଃ ମୋଟର ବୀମା ପଲିସୀରେ ସାମିଲ ହୋଇ ନଥାଏ:

- ବୈଧ ଡ୍ରାଇଭିଂ ଲାଇସେନ୍ସ ନ ରହିବା
- ମାଦକ ଦ୍ରବ୍ୟ/ଡ୍ରଗ୍‌ସ ପ୍ରଭାବରେ ରହିବା

- ଭୌଗଳିକ ସୀମା ବାହାରେ ଦୁର୍ଘଟଣା ହେବା
- ବାହନର ଉପଯୋଗ କୌଣସି ଅବୈଧ କାର୍ଯ୍ୟରେ ଲଗାଇବା
- ଇଲେକଟ୍ରୋନିକ୍ସ/ମେକାନିକାଲ ଖରାପ

ବୀମିତ ରାଶିର ଆଧାର:

ସ୍ୱୟଂ କ୍ଷତି ପାଇଁ:

ମୋଟର ବୀମା ପଲିସୀ ଅନ୍ତର୍ଗତ ବୀମିତ ରାଶି ମୋଟର ବାହନର ମୂଲ୍ୟ ଦର୍ଶାଇଥାଏ ଯାହାର ନିର୍ଦ୍ଧାରଣ ବୀମିତର ଘୋଷିତ ମୂଲ୍ୟ ନାମକ ସଂକଳ୍ପନା ଆଧାର ଉପରେ କରାଯାଇଥାଏ। ବୀମିତର ଘୋଷିତ ମୂଲ୍ୟ ସେହି ମୂଲ୍ୟ ଅଟେ ଯାହା ଉତ୍ପାଦକର ବର୍ତ୍ତମାନ ମୂଲ୍ୟ ତଥା ବାହନ ବୟସର ଆଧାର ଉପରେ ମୂଲ୍ୟହ୍ରାସ ଅନୁସାରେ ବାହାର କରାଯାଇଥାଏ।

ତୃତୀୟ ପକ୍ଷ ପାଇଁ :

ଏହି କଭରେଜ ମୋଟର ବାହାନ ଅଧିନିୟମ 1988 ର ଆବଶ୍ୟକତା ଅନୁସାରେ ହୋଇଥାଏ। ମାଲିକ-ଡ୍ରାଇଭର ପାଇଁ ଅନିର୍ବାଯ୍ୟ ନିଜସ୍ୱ ଦୁର୍ଘଟଣା କଭର ମଧ୍ୟ ଜଡିତ ଥାଏ। ପଲିସୀର ଅନ୍ୟ ବିଭିନ୍ନ ରିସ୍କ ପର୍ଯ୍ୟନ୍ତ ମଧ୍ୟ ବିସ୍ତାରିତ କରାଯାଇପାରେ ଯେପରି ବାହନରେ ଉପସ୍ଥିତ ଥିବା ଲୋକଙ୍କ ପାଇଁ ନିଜସ୍ୱ ଦୁର୍ଘଟଣା, ଡ୍ରାଇଭରକୁ ୱର୍କମେନ୍ କମ୍ପେନସେସନ୍ ଇତ୍ୟାଦି ଯାହା ଆଇନ୍ ଅନ୍ତର୍ଗତ ତାହା ପାଇଁ ବିନା କଭର ଉପଲବ୍ଧ ଅଟେ।

3. ପ୍ରାୟତଃ ମୋଟର ବୀମା ଉପରେ ପଚରା ଯାଉଥିବା ପ୍ରଶ୍ନ

ପ୍ର. ମୋତେ କେଉଁ ପ୍ରକାର ମୋଟର ବୀମା କଭର କ୍ରୟ କରିବା ଉଚିତ୍? କଣ ମୋତେ ବ୍ୟାପକ ବୀମା ବା କେବଳ ଦେୟତା ପଲିସୀ କ୍ରୟ କରିବା ଉଚିତ୍?

ଉ. ଭାରତରେ ସାର୍ବଜନିକ ସଡକ ଉପରେ ଚାଲୁଥିବା ସମସ୍ତ ବାହନ ପାଇଁ ତୃତୀୟ ପକ୍ଷ ଦେୟତା ବୀମା ଅନିର୍ବାଯ୍ୟ ଅଟେ। ଏହା ଅନ୍ୟକୁ ଲାଗିଥିବା ଆଘାତ ବା କ୍ଷତି ପାଇଁ ଦେୟତାକୁ କଭର କରିଥାଏ ଯେଉଁଥି ପାଇଁ ଆପଣ ଦାୟୀ ଅଟନ୍ତି। ଏହା ବ୍ୟତୀତ ଆପଣଙ୍କର ପ୍ୟାକେଜ୍ ପଲିସୀ ଜରିଆରେ ବାହନକୁ ହାନି ବା ନଷ୍ଟ ପ୍ରତି କଭର କରିବା ଉଚିତ୍ ଯାହା ଦେୟତା ଓ ବୀମିତ ବାହନ ପାଇଁ ସ୍ୱୟଂ କ୍ଷତି ଦୁଇଟିକୁ କଭର କରିଥାଏ। କେବଳ ଦେୟତା କଭରକୁ "ଏକ୍ଟ ଓନଲୀ" କଭର ମଧ୍ୟ କୁହାଯାଇଥାଏ।

ପ୍ର. ପ୍ରିମିୟମ ନିର୍ଦ୍ଧାରଣ କିପରି କରାଯାଇଥାଏ?

ଉ. କେତେକ କାରକ ପ୍ରିମିୟମ ନିର୍ଦ୍ଧାରଣ କରିଥାନ୍ତି ଯାହାଦ୍ୱାରା ଆପଣ ଦେୟ କରିବେ। ସ୍ୱୟଂ କ୍ଷତି କଭର ପାଇଁ ବିଭିନ୍ନ ବୀମା କମ୍ପାନୀ ସମାନ କଭରେଜ୍ ପାଇଁ ଅଲଗା-ଅଲଗା ପ୍ରିମିୟମ ନେଇଥାନ୍ତି। ଯାଞ୍ଚ ପୂର୍ବକ କ୍ରୟ କରନ୍ତୁ, ତୁଳନା ପାଇଁ ତିନି ବା ଅଧିକ କୋଟ୍ସ ଉଚିତ୍ ହୋଇଥାଏ। ବିଭିନ୍ନ ବୀମାକର୍ତ୍ତାଙ୍କ ୱେବସାଇଟ୍ ଦେଖନ୍ତୁ, ଏହାଦ୍ୱାରା ଆପଣଙ୍କୁ ପ୍ରିମିୟମ ତୁଳନା କରିବାରେ ସହାୟତା ମିଳିବ। ହ୍ରାସ ରାଶି, କଭରେଜ୍ ଓ ଆଇଡିଭିର ତୁଳନା କରିବାକୁ ଭୁଲନ୍ତୁ ନାହିଁ କାରଣ ଜଣେ ବୀମାକର୍ତ୍ତାର ପ୍ରିମିୟମ ଅପେକ୍ଷାକୃତ କମ୍ ନ ହୋଇପାରେ କିନ୍ତୁ ସେଥିରେ

ହ୍ରାସଯୋଗ୍ୟ ରାଶି ଅଧିକ ନିମ୍ନତର କଭରେଜ୍ ନିମ୍ନତର ଆଇଡିଭି ହୋଇପାରେ ଯାହା ଦାବି ବନ୍ଦୋବସ୍ତମାମଲାରେ ଆପଣଙ୍କ ଉପରେ ବିପରୀତ ପ୍ରଭାବ ପକାଇବ।

ଆପଣଙ୍କ ଏଜେଣ୍ଟଙ୍କୁ ନିମ୍ନଲିଖିତ ବିଷୟ ଉପରେ ସୂଚନା ପ୍ରଦାନ ପାଇଁ ପ୍ରସ୍ତୁତ ରୁହନ୍ତୁ। ବାହନର ପଞ୍ଜିକୃତ ବିବରଣୀ, ଇଞ୍ଜିନ୍ ନଂ., ଚେସିସ୍ ନଂ., ବାହନର ଶ୍ରେଣୀ, କ୍ୟୁବିକ୍ କ୍ଷମତା, ବସିବାର କ୍ଷମତା ଇତ୍ୟାଦି ସହିତ (ପ୍ରକୃତ ସମସ୍ତ ସମ୍ବନ୍ଧିତ ବିବରଣୀ, ଆର୍‌ସି ବୁକ୍/କାର୍ଡରେ ରହିଥାଏ ଏବଂ ତାହାର ନକଲ ଦିଆଯାଇ ପାରେ) ଦେୟ ବିବରଣ, ସ୍ୱାସ୍ଥ୍ୟ ପ୍ରମାଣପତ୍ର, ଡ୍ରାଇଭର ବିବରଣ ବୟସ, ଲିଂଗ, ପାତ୍ରତା ଲାଇସେନ୍ସ ବୈଧତା, ପୂର୍ବ ବୀମା ଇତିହାସ, ଯଦି ଥାଏ। ସ୍ୱୟଂ କ୍ଷତି କଭରେଜ୍‌ର ଆକଳନ ବ୍ୟକ୍ତିଗତ ବୀମା କମ୍ପାନୀ ଦ୍ୱାରା ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ ନିକଟରେ ଦର ଦାଖଲ କରିବା ପରେ କରାଯାଇଥାଏ। ଏହାର ନିର୍ଦ୍ଧାରଣ ଏହି ଅନ୍ୟ କାରକ ଅନୁସାରେ କରାଯାଇଥାଏ - ବାହନର ବୟସ ଡିସକାଉଣ୍ଟସ/ଲୋଡିଂସ୍ - ଉପଯୁକ୍ତ ବୋନସ୍/ଲୋଡିଂ ଡିସକାଉଣ୍ଟସ ପୂର୍ବ ଦାବି ଅନୁଭବ ସହିତ ପ୍ରିମିୟମ ଗଣନା କରିବା ସମୟରେ ଧ୍ୟାନକୁ ନିଆଯାଇଥାଏ। ଆଇଡିଭି (ବୀମିତର ଘୋଷିତ ମୂଲ୍ୟ)।

ତୃତୀୟ ପକ୍ଷ ଦେୟତା ପ୍ରିମିୟମ ଦର ଆଇଆର୍‌ଡିଏ ଦ୍ୱାରା ସ୍ଥିର କରାଯାଇଥାଏ।

ବୀମା ଅବରୋଧ ମାମଲାରେ ବାହନର ନିରୀକ୍ଷଣ ଆବଶ୍ୟକତା ହେବ ଏବଂ ସେଥିପାଇଁ ଅତିରିକ୍ତ ଚାର୍ଜ ନିଆଯିବ।

ପ୍ର. କେଉଁ କଭରେଜ୍ ସୀମା ମୋର ଆବଶ୍ୟକତା ପୂରଣ କରିପାରେ?

ଉ. ସ୍ୱୟଂ କ୍ଷତି ପାଇଁ ବାହନର ବୀମିତ ରାଶିକୁ ବୀମିତ ଘୋଷିତ ମୂଲ୍ୟ କୁହାଯାଏ ତାହା ବାହନର ମହଜୁତ୍ ବଜାର ମୂଲ୍ୟକୁ ଦର୍ଶାଇଥାଏ। ତୃତୀୟ ପକ୍ଷ ଦେୟତା କଭର ପାଇଁ ତୃତୀୟ ପକ୍ଷର କ୍ଷତି ହେତୁ ଅସୀମିତ କଭରେଜ୍ ରହିଛି, ତଥାପି ତୃତୀୟ ପକ୍ଷ ସମ୍ପତ୍ତିର ନଷ୍ଟକୁ ଟ 750,000 ରାଶି ପର୍ଯ୍ୟନ୍ତ କଭର କରାଯାଇଥାଏ। ବୀମିତ ନିକଟରେ ତୃତୀୟ ପକ୍ଷ ସମ୍ପତ୍ତିର ନଷ୍ଟ ହେତୁ କଭରେଜ୍ ଟ 6,000 ପର୍ଯ୍ୟନ୍ତ ସୀମିତ କରିବାର ବିକଳ୍ପ ରହିଛି ତେବେ କେବଳ ଦେୟତା ପ୍ରିମିୟମରେ କମ୍ ହେବ।

ପ୍ର. ପଲିସୀ ଅବଧି କଣ ଅଟେ?

ଉ. ମୁଖ୍ୟତଃ ପଲିସୀ ଗୋଟିଏ ବର୍ଷ ପାଇଁ ବୈଧ ହୋଇଥାଏ ଏବଂ ତାହାକୁ ନିର୍ଦ୍ଧାରିତ ଦିନାଙ୍କ ପୂର୍ବରୁ ନବୀକରଣ କରିବାକୁ ହୋଇଥାଏ। ପ୍ରିମିୟମ ସମୟ ଅନୁସାରେ ଦେୟ କରନ୍ତୁ। କୌଣସି ବି ବୀମାକର୍ତ୍ତା ପ୍ରିମିୟମ ପରିଶୋଧ ପାଇଁ ଗ୍ରେସ୍ ଅବଧି ଦିଅନ୍ତି ନାହିଁ - ନିର୍ଦ୍ଧାରିତ ଦିନାଙ୍କ ନିର୍ଦ୍ଧାରିତ ଦିନାଙ୍କ ହୋଇଥାଏ। ପଲିସୀ ଗୋଟିଏ ଦିନରେ ବି ଲାପ୍ସ ହୋଇଯିବା ମାମଲାରେ ବାହନର ନିରୀକ୍ଷଣ କରିବା ଆବଶ୍ୟକ ହୋଇଥାଏ। ଏହା ବ୍ୟତୀତ ଯଦି କୌଣସି ବ୍ୟାପକ ପଲିସୀ 90 ରୁ ଅଧିକ ଦିନ ପର୍ଯ୍ୟନ୍ତ ଲାପ୍ସ ରହିବାକୁ ଦିଆଯାଏ ତେବେ ଏନ୍‌ସିବି (ନୋ କ୍ଲେମ୍ ବୋନସ୍) ର ଉପାର୍ଜିତ ବୋନସ୍ ମଧ୍ୟ ଶେଷ ହୋଇଥାଏ।

ପ୍ର. "ନୋ କ୍ଲେମ୍ ବୋନସ୍" କଣ ଅଟେ?

ଉ. ନୋ କ୍ଲେମ୍ ବୋନସ୍ (ଏନ୍‌ସିବି) ପୂର୍ବ ପଲିସୀ ଅବଧି ସମୟରେ ଶୂନ୍ୟ ଦାବି ପାଇଁ ବୀମିତକୁ ମିଳିଥିବା ଲାଭ ଅଟେ। ବଦ୍ୟମାନ ମହଜୁତ୍ ମାନକ

ଅନୁସାରେ ଏହି ସ୍ୱୟଂ କ୍ଷତି ପ୍ରିମିୟମ 20% ରୁ ଆରମ୍ଭ ହୋଇଥାଏ (ଦେୟତା ପ୍ରିମିୟମ ଉପରେ ନୁହେଁ) ଏବଂ କ୍ରମିକ ଦାବି ମୁକ୍ତ ବର୍ଷର ଆଧାର ଉପରେ ଅଧିକତମ 50% ପର୍ଯ୍ୟନ୍ତ ବଢିଥାଏ। ତଥାପି ଯଦି ଦାବି ଉପସ୍ଥାପନ କରାଯାଏ ତେବେ ଆଗାମୀ ପଲିସୀ ଅବଧିରେ କୌଣସି ଦାବି ବୋନସ ରହିବ ନାହିଁ। ବୀମିତକୁ ଏନ୍‌ସିବି ଦିଆଯାଇଥାଏ, ବୀମିତ ବାହନକୁ ନୁହେଁ ଏଣୁ ବାହନ ହସ୍ତାନ୍ତର ଉପରେ ବୀମା ପଲିସୀ ନୂଆ ମାଲିକଙ୍କୁ ହସ୍ତାନ୍ତରିତ କରାଯାଇପାରେ କିନ୍ତୁ ଏନ୍‌ସିବି ନୁହେଁ। ନୂଆ ମାଲିକଙ୍କର ଶେଷ ପଲିସୀ ଅବଧି ପାଇଁ ଏନ୍‌ଏସ୍‌ଭି ପ୍ରତି ଅନ୍ତରକୁ ଦେୟ କରିବାକୁ ପଡିଥାଏ। ତଥାପି ମୂଳ ମାଲିକ ନିଜ ଦ୍ୱାରା ଖରିଦ ହୋଇଥିବା ନୂଆ ବାହନ ଉପରେ ଏନ୍‌ଏସ୍‌ଭିରଉପଯୋଗ କରିପାରନ୍ତି ଏହି ସର୍ତ୍ତରେ ଯେ ପୁରାତନ କାର ଖରିଦାରକୁ ବୀମା ହସ୍ତାନ୍ତରିତ କରାଯାଇ ନାହିଁ। ବୀମା କମ୍ପାନୀକୁ ଆପଣଙ୍କର ପୁରୁଣା ବାହନ ବିକ୍ରି ବିଷୟରେ ଏବଂ ବୀମା ଜାରୀ ରଖିବାର ଅଭିଳାସ ବିଷୟରେ ତୁରନ୍ତ ସୂଚୀତ କରିବା ଉଚିତ୍ (କୌଣସି ବି ସ୍ଥିତିରେ ପରାମର୍ଶିତ ସମୟସୀମା ପରେ ନୁହେଁ) ମୂଳ ବୀମା ପ୍ରମାଣପତ୍ର ବୀମା କମ୍ପନୀକୁ 3 ବର୍ଷ ଅବଧି ମଧ୍ୟରେ ସମର୍ପିତ କରାଯିବା ଉଚିତ୍। ଯେତେବେଳେ ବୀମିତ କୌଣସି ନୂଆ କାର୍ କ୍ରୟକରେ ତେବେ ତାହାକୁ ପୂରାତନ ବୀମା ପଲିସୀକୁ ବଦଳାଇ ଦିଆଯାଇଥାଏ। ନୂତନ ବାହନର ଆଇଡିବି ବୃଦ୍ଧି ହେତୁ ପ୍ରିମିୟମର ଆନୁପାତିକ ଅନ୍ତର ଦେୟ କରିବାକୁ ପଡିଥାଏ।

ପ୍ର. ଯଦି ମୁଁ ମୋର ବୀମା କମ୍ପାନୀକୁ ବଦଳାଇବାକୁ ଚାହେଁ ତେବେ କଣ ମୋର ନୋ କ୍ଲେମ୍ ବୋନସ୍ ଅନ୍ତରିତ ହେବ?

ଉ. ହାଁ ଯଦି ଆପଣ ନବୀକରଣ ଉପରେ ବୀମାକର୍ତ୍ତା ବଦଳାନ୍ତି ତେବେ ଆପଣ ଏନ୍‌ସିଭି ସୁବିଧା ହାସଲ କରିପାରନ୍ତି। ଆପଣଙ୍କୁ ଉପସ୍ଥିତ ବୀମାକର୍ତ୍ତାଙ୍କଠାରୁ ନବୀକରଣ ସୂଚନା ଦ୍ୱାରା ପ୍ରାପ୍ତ ଏନ୍‌ଏସ୍‌ଭିର ପ୍ରମାଣ ଦେଖାଇବାକୁ ହୋଇଥାଏ। ଯଦି ତାହା ଦେଖାଯାଇ ପାରେ ନାହିଁ ତେବେ ଆପଣ ଆପଣଙ୍କ ସମାପ୍ତ ହେଉଥିବା ମୂଳ ପଲିସୀକୁ ଏହି ପ୍ରମାଣନ ସହିତ ଦେଖାଇ ପାରନ୍ତି କି ସମାପ୍ତ ହେଉଥିବା ପଲିସୀ ଉପରେ ଆପଣଙ୍କ ଦ୍ୱାରା କୌଣସି ଦାବି ଦାଖଲ ହୋଇନାହିଁ ଏଥିପାଇଁ ଏହି ପ୍ରମାଣ ନବୀକରଣ ସୂଚନା ରୂପେ ମୁଁ ବା ପୂର୍ବ ବୀମାକର୍ତ୍ତାଙ୍କର ଏନ୍‌ଏସ୍‌ଭିର ଅଧିକାର ପୁଷ୍ଟି ପତ୍ର ରୂପେ ହୋଇପାରେ।

ପ୍ର. କଣ ପ୍ରିମିୟମ ହ୍ରାସ ଉପରେ କୌଣସି ଡିସ୍କାଉଣ୍ଟ ରହିଛି?

ଉ. ଏନ୍‌ସିଭି ବ୍ୟତୀତ, ଅଟୋମୋବାଇଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ ଭିଣ୍ଟେଜ୍ କାର୍ସ (ଭିଣ୍ଟେଜ୍ ଏବଂ କ୍ଲାସିକ୍ କାର୍ କ୍ଲବ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରମାଣିତ ପ୍ରାଇଭେଟ୍ କାର), ଅଟୋମୋବାଇଲ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଆର୍‌ଏଆଇ) ପୁନେ ଦ୍ୱାରା ମାନ୍ୟ ଲୁଟ୍-ରୋଧୀ ସାଧନର ସଂସ୍ଥାପନ ପାଇଁ ଯେଉଁ ଡ୍ୟାମେଜ୍ ପ୍ରିମିୟମ ଅନ୍ତର୍ଗତ ଅତିରିକ୍ତ ଛାଡ, ନେତ୍ରହୀନ, ଅପଙ୍ଗ ଏବଂ ମାନସିକ ରୂପେ ବିକଳାଙ୍ଗ ଲୋକଙ୍କ ପାଇଁ ବିଶେଷ ରୂପେ ନିର୍ମିତ/ସଂଶୋଧିତ କରାଯାଇଥିବା ବାହନ ପାଇଁ ରାଜ୍ୟ ଯାହାର ସମ୍ବନ୍ଧିତ ଆର୍‌ଟିଓ ଦ୍ୱାରା ଆର୍‌ସିରେ ଉପଯୁକ୍ତ ରୂପେ ଅନୁମୋଦିତ କରାଯାଇଥିବା ଏବଂ ଯିଏ ନିଜ ଇଚ୍ଛାରେ ଅତିରିକ୍ତ ହ୍ରାସଯୋଗ୍ୟ/ଅଧିକ ରାଶି ପାଇଁ ଚୟନ କରିଥିବା ଉଚିତ୍।

କବଳ ଦେୟତା ବିଭାଗ ଅନ୍ତର୍ଗତ ତୃତୀୟ ପକ୍ଷ ସମ୍ପତ୍ତିର ନଷ୍ଟରେ ହ୍ରାସ

ପାଇଁ ଛାଡ ଉପଲବ୍ଧ ଅଟେ। (ଟିପିପିଡି) ଟ 750,000 ରୁ ଟ 6,000 ପର୍ଯ୍ୟନ୍ତ।

ପ୍ର. କଣ ସେବା ଲାଗୁ ଅଟେ ଏବଂ ଏହା କେତେ ଅଟେ?

ଉ. ହାଁ ସେବା କର ଲାଗୁ ଅଟେ ଏବଂ ଏହା ଆଇନ୍‌ର ବିଦ୍ୟମାନ ନିୟମ ଅନୁସାରେ ହେବ।

ପ୍ର. ହ୍ରାସଯୋଗ୍ୟ ରାଶି କଣ ଅଟେ?

ଉ. ଯାହା ବ୍ୟତୀତ ଦାବି ଦେୟ ହେବ ତାହାକୁ ହ୍ରାସଯୋଗ୍ୟ ବା ଅତିରିକ୍ତ ରାଶି କୁହାଯାଏ। ଅଧିକାଂଶ ବାହନ ପାଇଁ ଏକ ସାଧାରଣ ମାନକ/ଅନିର୍ବାଯ୍ୟ ଅତରିକ୍ତ ରାଶି ରହିଛି ଯାହା ଟୁ-ହ୍ୱିଲର୍ସ ପାଇଁ ଟ 50 ରୁ ନିଜସ୍ୱ କାର ଓ ବ୍ୟବସାୟିକ ବାହନ ପାଇଁ ଟ 500 ପର୍ଯ୍ୟନ୍ତ ଅଟେ ଯାହା ବାହନର କ୍ୟୁବିକ୍ କ୍ଷମତା/ବାହାନ କ୍ଷମତା ଉପରେ ନିର୍ଭର କରିଥାଏ। ତଥାପି ଯେଉଁ ମାମଲାରେ ବୀମାକର୍ତ୍ତା ବାହନ ବୟସର ଆଧାର ଉପରେ ବା ମୂଳ ଦାବିର ବାରମ୍ବାରତା ଉଚ୍ଚ ଅଟେ ତେବେ ଅତିରିକ୍ତ ଏକ୍ସେସ୍ ଲଗାଯାଇ ପାରେ।

ପ୍ର. ପଲିସୀରେ କୌଣସି ପରିବର୍ତ୍ତନକୁ ଦାଖଲ କରିବା ପାଇଁ କଣ ପ୍ରକ୍ରିୟା ରହିଛି?

ଉ. ଯଦି ପଲିସୀରେ କୌଣସି ପରିବର୍ତ୍ତନ ଅଛି ତେବେ ବୀମା କାର୍ଯ୍ୟାଳୟ ଦ୍ୱାରା ଅନୁମୋଦନ ଦ୍ୱାରା ଏହା କରାଯିବ। ପରିବର୍ତ୍ତନ ପାଇଁ ପ୍ରମାଣ ସହିତ ବୀମାକର୍ତ୍ତାଙ୍କ ନିକଟରେ ପତ୍ର ଜମା କରନ୍ତୁ ଏବଂ ଅନୁମୋଦନ ପ୍ରାପ୍ତ କରନ୍ତୁ। ଅନୁମୋଦନକୁ ସତର୍କତାର ସହିତ ଯାଞ୍ଚ କରନ୍ତୁ।

ପ୍ର. ଯଦି କୌଣସି ବିଶେଷ ସହରରେ କାର୍‌ର ଉପଯୋଗ କରାଯାଏ ତେବେ କଣ ପ୍ରିମିୟମ ଦର ଲାଗୁ ହେବ?

ଉ. ଲାଗୁ ପ୍ରିମିୟମ ଦରର ପ୍ରୟୋଜନ ପାଇଁ ସେହି ସ୍ଥାନକୁ ବିଚାରକୁ ନିଆଯିବ ଯେଉଁଠାରେ ବାହନ ପଞ୍ଜିକୃତ କରାଯାଇଛି (ବାହନର ଉପଯୋଗ କରାଯାଇଥିବା ସ୍ଥାନ ନୁହେଁ)। ଯଦି ଆପଣଙ୍କ ବାହନ ଚେନ୍ନାଇରେ ପଞ୍ଜିକୃତ ଅଟେ ତେବେ ଜୋନ୍ ଏ ପାଇଁ ଲାଗୁ ଦର ନିଆଯାଇଥାଏ। ଯଦି ଆପଣ କୌଣସି ଭିନ୍ନ ସହର/ନଗରରେ ସ୍ଥାନାନ୍ତରିତ ଅଟନ୍ତି ତେବେ ବି ସେହି ଦର ଜାରୀ ରହିବ। ସେହିପରି ଯଦି କୌଣସି ବାହନ କୌଣସି ନଗରରେ ପଞ୍ଜିକୃତ ଅଟେ ତେବେ ତାହା ଉପରେ ଜୋନ୍ ବି ପ୍ରିମିୟମ ଦର ଲାଗୁ ହେବ। ସେହିପରି ଯଦି ମାଲିକ କୌଣସି ମହାନଗରକୁ ସ୍ଥାନାନ୍ତରିତ ହୋଇଯାଏ ତେବେ ତାହା ପାଇଁ ଜୋନ୍ ବି ଦର ଲାଗୁ ହୋଇଥାଏ।

ପ୍ର. ମୋଟର ବାହନ ଆଇନ ଅନ୍ତର୍ଗତ ବୀମାର ପ୍ରମାଣପତ୍ର କଣ ଅଟେ?

ଉ. ସେଣ୍ଟ୍ରାଲ ମୋଟର ଭେଇକିଲ୍ ସେଲ୍ସ 1989 ର ନିୟମ 141 ଅନୁସାରେ ବୀମା ପ୍ରମାଣପତ୍ର କେବଳ ଫର୍ମ 51ରେ ଜାରୀ କରାଯିବା ଉଚିତ୍। କେବଳ ମୋଟର ଭେଇକିଲ୍ ଇନସୁରାନ୍ସରେ ପଲିସୀ ବ୍ୟତୀତ ଆଇନ୍ ଅନୁସାରେ ବୀମାକର୍ତ୍ତା ଦ୍ୱାରା ଏକ ଭିନ୍ନ ବୀମା ପ୍ରମାଣପତ୍ର ଜାରୀ କରିବା ଆବଶ୍ୟକ ହୋଇଥାଏ। ଏହି ଦସ୍ତାବିଜ୍ ସର୍ବଦା ବାହନରେ ରଖିବା ଉଚିତ୍। ଗୃହ/କାର୍ଯ୍ୟାଳୟରେ ପଲିସୀକୁ ସ୍ୱତନ୍ତ୍ର ରୂପେ ସମ୍ଭାଳି ରଖିବା ଉଚିତ୍।

ପ୍ର. ଯଦି ମୁଁ ମୋର ବାହନରେ ସିଏନ୍‌ଜି ବା ଏଲ୍‌ପିଜି କିଟ୍ ଲଗାଏ ତେବେ କଣ ବୀମା କମ୍ପାନୀକୁ ସୂଚୀତ କରିବା ଆବଶ୍ୟକ?

ଉ. ଯଦି ବାହନରେ ସିଏନ୍‌ଜି/ଏଲ୍‌ପିଜି ଲାଗିଛି ତେବେ ଆର୍‌ଟିଓ ଯେଉଁଠାରେ

ବାହନ ପଞ୍ଜିକୃତ କରାଯାଇଥିଲା ସେଠାରେ ପଞ୍ଜିକୃତ ପ୍ରମାଣପତ୍ର (ଆର୍‌ସି)ରେ ପରିବର୍ତ୍ତନ କରିବା ପାଇଁ ସୂଚୀତ କରାଯିବା ଉଚିତ୍। ବୀମା କମ୍ପାନୀକୁ ବି ଓସି ସେକସନ୍ ଏବଂ ଟିପି ସେକସନ୍ ଅନ୍ତର୍ଗତ କିଟ୍ ମୂଲ୍ୟ ଉପରେ ଅତିରିକ୍ତ ପ୍ରିମିୟମ ପରିଶୋଧ ଉପରେ କିଟ୍‌କୁ କଭର କରିବା ପାଇଁ ସୂଚୀତ କରାଯିବା ଉଚିତ୍।

ପ୍ର. ସାର୍ବଜନିକ ସ୍ଥାନରେ ଚଲାଇବା ସମୟରେ କେଉଁ ପ୍ରମାଣ ପତ୍ର ରଖିବା ଉଚିତ୍?

ଉ. • ବୀମା ପ୍ରମାଣପତ୍ର
- ପଞ୍ଜିକରଣ ପ୍ରମାଣପତ୍ରର ନକଲ
- ପଲ୍ୟୁସନ୍ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ୍
- ବାହନ ଚଲାଉଥିବା ବ୍ୟକ୍ତିଙ୍କ ଡିଏଲ୍ ନକଲ

ପ୍ର. କଣ ମୁଁ ମୋର ବାହନ କ୍ରୟକାରୀଙ୍କୁ ମୋ ବୀମା ହସ୍ତାନ୍ତରିତ କରିପାରିବି?

ଉ. ହଁ ବାହନ କ୍ରୟକାରୀଙ୍କୁ ବୀମା ହସ୍ତାନ୍ତରିତ କରାଯାଇ ପାରେ, ଏହି ସର୍ତ୍ତରେ ଯେ ବିକ୍ରେତା ଏହି ହସ୍ତାନ୍ତରର ଲିଖିତ ସୂଚନା ବୀମା କମ୍ପାନୀକୁ ଦେବେ। ଏକ ନୂଆ ପ୍ରସ୍ତାବ ଫର୍ମ ଭରା ଯିବା ଉଚିତ୍। ବୀମା ହସ୍ତାନ୍ତରର ସାଧାରଣ ଶୁଳ୍କ ସହିତ ହସ୍ତାନ୍ତରଣ ଦିନାଙ୍କରୁ ପଲିସୀ ସମାପ୍ତ ହେବା ପର୍ଯ୍ୟନ୍ତ ଏନ୍‌ସିବିର ଆନୁପାତିକ ଅସୁଲ ସହିତ ଏହା ନିଆଯାଇଥାଏ। ଧ୍ୟାନ ଦେବା ଉଚିତ୍ କି ଆପଣଙ୍କ ପ୍ୟାକେଜ୍ ପଲିସୀରେ ସ୍ୱାମିତ୍ୱର ହସ୍ତାନ୍ତରଣ ସେହି ଦିନାଙ୍କରୁ 14 ଦିନ ମଧ୍ୟରେ ଦାଖଲ କରାଯିବା ଉଚିତ୍, ଏପରି ନ କରାଯିବା ଉପରେ ବାହନର କ୍ଷତି ପାଇଁ କୌଣସି ଦାବି ଦେୟ ହେବ ନାହିଁ।

ପ୍ର. ଆର୍‌ଟିଓରେ ବାହନ ମୋ ନାମରେ ହସ୍ତାନ୍ତରିତ ହେବାପରେ କଣ ମୁଁ ପୂର୍ବ ମାଲିକଙ୍କ ନାମରେ ବୀମା ଜାରୀ ରଖି ପାରିବି?

ଉ. ନା। ବାହନର ପଞ୍ଜିକରଣ ଏବଂ ବୀମା ସର୍ବଦା ଗୋଟିଏ ନାମ ଓ ଠିକାଣ ସହିତ ରହିବା ଉଚିତ୍। ଅନ୍ୟଥା ଦାବି ଦେୟ ହୋଇ ନଥାଏ। ନୂତନ ପ୍ରସ୍ତାବ ଫର୍ମ ଭରିବା ଜରୁରୀ ହୋଇଥାଏ। ବୀମା ହସ୍ତାନ୍ତର କରିବା ପାଇଁ ମାମୁଲି ଶୁଳ୍କ ନିଆଯାଇଥାଏ।

ପ୍ର. ମୋର ବୀମା ପଲିସୀ ହଜି ଯାଇଅଛି। କଣ ମୋତେ ଡୁପ୍ଲିକେଟ୍ ମିଳି ପାରିବ?

ଉ. ହଁ ଦୟାକରି ସେହି କାର୍ଯ୍ୟାଳୟରୁ ଲିଖିତ ନିବେଦନ ସହିତ ସମ୍ପର୍କ କରନ୍ତୁ, ଯିଏ ପଲିସୀ ଜାରି କରିଥିଲେ। ଡୁପ୍ଲିକେଟ୍ ପଲିସୀ କପି ଜାରୀ କରିବା ପାଇଁ ମାମୁଲି ଶୁଳ୍କ ନିଆଯାଇଥାଏ।

ପ୍ର. ମୋଟର ବୀମା ଦାବି ପାଇଁ କେଉଁ ଦସ୍ତାବିଜ୍ ଜମା କରିବା ଆବଶ୍ୟକ ହୋଇଥାଏ?

ଉ. ସାଧାରଣତଃ ନିମ୍ନଲିଖିତ ଦସ୍ତାବିଜ୍ ଜମା କରିବା ଆବଶ୍ୟକ ହୋଇଥାଏ। ତଥାପି ସମ୍ପୂର୍ଣ୍ଣ ସୂଚୀ ଦେଖିବା ପାଇଁ ଆପଣଙ୍କ ପଲିସୀ ପଢନ୍ତୁ - ଭରା ଯାଇଥିବା ଦାବି ଫର୍ମ, ମୂଳ ରିପେୟାର ଇନଭଏସ୍ ଓ ପରିଶୋଧ ରସିଦ। ଯଦି ନଗଦ ରହିତ ସୁବିଧା ହାସଲ କରାଯାଇଛି ତେବେ କେବଳ ଇନଭଏସ୍ ଜମା କରିବା ଆବଶ୍ୟକ ହେବ ତଥା ଆବଶ୍ୟକସ୍ଥଳେ ଏଫ୍‌ଆଇଆର୍। ଚୋରୀ ଦାବି ପାଇଁ ଚାବି ଜମା କରିବାକୁ ପଡିଥାଏ। ଚୋରୀ ଦାବି ପାଇଁ ନନ୍-ଟ୍ରେସେବଲ ସାର୍ଟିଫିକେଟ୍ ମଧ୍ୟ ଜମା କରାଯିବା ଉଚିତ୍।

ଆଇଆର୍‌ଡିଏ ଦ୍ୱାରା ନିର୍ଦ୍ଧାରିତ ପଲିସୀଧାରକ ସର୍ଭିସିଂ ଟର୍ନ ଏରାଉଣ୍ଡ ଟାଇମ୍ (ଟିଏମ୍‌ଟି)

ସେବା	ଅଧିକତମ ଟର୍ନ ଏରାଉଣ୍ଡ ଟାଇମ୍ (ଟିଏଟି)
ସାଧାରଣ	
ପ୍ରସ୍ତାବ ପ୍ରକ୍ରିୟା ଏବଂ ଫଳାଫଳ ସୂଚନା ଦେବା ଯେଉଁଥିରେ ସାମିଲ ପଲିସୀର ଆବଶ୍ୟକତା/ଜାରୀ କରିବା/ରଦ୍ଦ	15 ଦିନ
ପ୍ରସ୍ତାବ କପି ପ୍ରାପ୍ତ କରିବା	30 ଦିନ
ପଲିସୀ ଜାରୀ କରିବା ପରେ ସେବା ନିବେଦନ ଯେଉଁ ତ୍ରୁଟି/ ପ୍ରସ୍ତାବ ଡିପଜିଟ୍ ପ୍ରତ୍ୟର୍ପଣ ଅଣ-ଦାବି ସମ୍ବନ୍ଧୀୟ ସେବା ନବେଦନ ସମ୍ବନ୍ଧିତ ଅଟେ।	10 ଦିନ
ଜୀବନ ବୀମା	
ସମର୍ପଣ ମୂଲ୍ୟ ଆନ୍ୟୁଟି / ପେନସନ୍ ପ୍ରକ୍ରିୟା	10 ଦିନ
ପରିପକ୍ୱତା ଦାବି / ସର୍ଭାଇଭାଲ ଲାଭ / ଦଣ୍ଡସ୍ୱରୂପ ସୁଧ ଦେୟ	15 ଦିନ
ଦାବି ଉପସ୍ଥାପନ ପରେ ଦାବି ଆବଶ୍ୟକତା ସୂଚୀତ କରିବା	15 ଦିନ
ଯାଞ୍ଚ ଆବଶ୍ୟକତା ବିନା ମୃତ୍ୟୁ ଦାବି ବନ୍ଦୋବସ୍ତ	30 ଦିନ
ଯାଞ୍ଚ ଆବଶ୍ୟକତା ସହିତ ମୃତ୍ୟୁ ଦାବି ବନ୍ଦୋବସ୍ତ/ରଦ୍ଦ	6 ମାସ
ସାଧାରଣ ବୀମା	
ସର୍ବେକ୍ଷଣ ରିପୋର୍ଟ ଜମା କରିବା	30 ଦିନ
ବୀମାକର୍ତ୍ତା ଦ୍ୱାରା ପୂରକ ରିପୋର୍ଟ ମାଗିବା	15 ଦିନ
ପ୍ରଥମ/ପୂରକ ସର୍ବେକ୍ଷଣ ରିପୋର୍ଟ ମଳିବା ପରେ ବନ୍ଦୋବସ୍ତ/ ଅସ୍ୱୀକୃତି	30 ଦିନ
ଅଭିଯୋଗ	
ଅଭିଯୋଗ ପ୍ରାପ୍ତିସ୍ୱୀକାର	3 ଦିନ
ଅଭିଯୋଗ ସମାଧାନ	15 ଦିନ

5. ଯଦି ଆପଣଙ୍କର କୌଣସି ଅଭିଯୋଗ ରହିଛି :

ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏ) ଙ୍କ ଉପଭୋକ୍ତା ମାମଲା ବିଭାଗ ଇଣ୍ଟିଗ୍ରେଟେଡ ଗ୍ରୀଏଭାନ୍‌ସ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇଜିଏମ୍‌ଏସ୍) ଆରମ୍ଭ କରିଛି ଯାହା ଅଭିଯୋଗ ପଞ୍ଜିକରଣ ଏବଂ ନିରୀକ୍ଷଣ ପାଇଁ ଏକ ଅନଲାଇନ୍ ବ୍ୟବସ୍ଥା ଅଟେ। ଆପଣଙ୍କୁ ସର୍ବପ୍ରଥମେ ଆପଣଙ୍କ ବୀମା କମ୍ପାନୀରେ ଅଭିଯୋଗ ଦାଖଲ କରବା ଉଚିତ୍ ଏବଂ ଯଦି ଆପଣ କମ୍ପାନୀ ଦ୍ୱାରା ଏହାର ବନ୍ଦୋବସ୍ତରେ ସନ୍ତୁଷ୍ଟ ନୁହଁନ୍ତି ତେବେ ଆପଣ www.igms.irda.gov.in କୁ ଯାଇ ଆଇଏମ୍‌ଏସ୍ ଜରିଆରେ ଏହାକୁ ଆଇଆର୍‌ଡିଏ ପାଖକୁ ପଠାଇ ପାରିବେ। ଯଦି ଆପଣ ବୀମାକର୍ତ୍ତାଙ୍କ ଅଭିଯୋଗ ପ୍ରଣାଳୀ ପର୍ଯ୍ୟନ୍ତ ସିଧା ପହଞ୍ଚି ପାରୁନାହାନ୍ତି ତେବେ ଆଇଜିଏମ୍‌ଏସ୍ ବୀମାକର୍ତ୍ତା ନିକଟରେ ଆପଣଙ୍କ ଅଭିଯୋଗ ଦାଖଲ ପାଇଁ ଆପଣଙ୍କ ଏକ ମାର୍ଗ ମଧ୍ୟ ପ୍ରଦାନ କରିଥାଏ।

ଆଇଜିଏମ୍‌ଏସ୍ (ଅର୍ଥାତ୍ ୱେବ୍) ଜରିଆରେ ଆପଣଙ୍କ ଅଭିଯୋଗକୁ ପଞ୍ଜିକୃତ କରିବା ବ୍ୟତୀତ ଆପଣଙ୍କ ନିକଟରେ ଅଭିଯୋଗ ପଞ୍ଜିକରଣ ପାଇଁ ଅନେକ ମାଧ୍ୟମ ରହିଛି ଇ-ମେଲ୍ (complaints@irda.gov.in) ଜରିଆରେ, ପତ୍ର (ଆପଣଙ୍କ ପତ୍ର ଗ୍ରାହକ ମାମଲା ବିଭାଗ, ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ, ତୃତୀୟ ମହଲା, ପରିଶ୍ରମ ଭବନ, ବଶୀର ବାଗ, ହାଇଦ୍ରାବାଦ: କୁ ସମ୍ବୋଧିତ କରନ୍ତୁ) ଜରିଆରେ, ବା ଆଇଆର୍‌ଡିଏ କଲ ସେଣ୍ଟରକୁ ଟୋଲ୍ **ଫ୍ରୀ ନଂ. 155255 ରେ କଲ୍** କରନ୍ତୁ ଯାହା ମାଧ୍ୟମରେ ଆଇଆର୍‌ଡିଏ ବୀମା କମ୍ପାନୀ ବିରୋଧରେ ଆପଣଙ୍କ ଅଭିଯୋଗ ନିଃଶୁଳ୍କ ଦାଖଲ ହେବ ଏବଂ ଏଥି ସହିତ ତାହାର ସ୍ଥିତି ଉପରେ ନଜର ରଖିବାରେ ସାହାଯ୍ୟ କରିବା କଲ୍ ସେଣ୍ଟର ଆଧାର ଉପରେ

ଅଭିଯୋଗ ଫର୍ମ ଭରି କଲ୍ ସେଣ୍ଟର ଆପଣଙ୍କ ସହାୟତା କରିଥାଏ ତଥା ଯେଉଁଠି ବି ଆବଶ୍ୟକତା ହୋଇଥାଏ ଏହା ସିଧା ବୀମା କମ୍ପାନୀ ବିରୋଧରେ ଅଭିଯୋଗ ଦାଖଲ କରିବାରେ ସହାୟକ ହୋଇଥାଏ। ଏବଂ ବୀମା କମ୍ପାନୀଙ୍କ ଠିକଣା, ଫୋନ୍ ନମ୍ବର, ୱେବସାଇଟ୍ ବିବରଣ, ସମ୍ପର୍କ କ୍ରମାଙ୍କ, ଇମେଲ୍ ଆଇଡି ଇତ୍ୟାଦି ସମ୍ବନ୍ଧିତ ସୂଚନା ଆପଣଙ୍କୁ ଦେଇଥାଏ। ଆଇଆର୍‌ଡିଏ କଲ୍ ସେଣ୍ଟର ଭାବି ଗ୍ରାହକ ଏବଂ ପଲିସୀଧାରକ ପାଇଁ ବ୍ୟାପକ ଟେଲି-କାର୍ଯ୍ୟକ୍ଷମତା ସହିତ ଏକ ଅସଲି ବୈକଳ୍ପିକ ମାଧ୍ୟମ ପ୍ରଦାନ କରିଥାଏ, ଏବଂ ସୋମବାରରୁ ଶୁକ୍ରବାର, ସକାଳ ୫ ରୁ ରାତି ୫ ବାଜିବା ପର୍ଯ୍ୟନ୍ତ 12 ଘଣ୍ଟା x 6 ଦିନ ପର୍ଯ୍ୟନ୍ତ ହିନ୍ଦୀ, ଇଂରାଜୀ ଏବଂ ବିଭିନ୍ନ ଭାରତୀୟ ଭାଷାରେ କାର୍ଯ୍ୟରତ ରହିଥାଏ।

ଏବେ ଆଇଆର୍‌ଡିଏ ନିକଟରେ କୌଣସି ଅଭିଯୋଗ ଦାଖଲ କଲେ ସେ ତାହାକୁ ବୀମା କମ୍ପାନୀ ନିକଟକୁ ପଠାଇ ସମାଧାନ କରାଉଛି। କମ୍ପାନୀ ଅଭିଯୋଗ ସମାଧାନ କରିବା ପାଇଁ 15 ଦିନ ଦିଆଯାଏ। ଯଦି ଆବଶ୍ୟକ ପଡେ, ଆଇଆର୍‌ଡିଏ ଯାଞ୍ଚ ଏବଂ ଅନୁସନ୍ଧାନ କରିଥାଏ। ଏହା ବ୍ୟତୀତ ଯେଉଁଠାରେ ବି ଲାଗୁ ହେଉ, ଆଇଆର୍‌ଡିଏ ରିଡ୍ରେସଲ ଅଫ୍ ପବ୍ଲିକ୍ ଗ୍ରୀଏଭାନ୍‌ସ ରୂଲ୍‌ସ, ୧୨୨୫ ର ସର୍ତ୍ତାନୁସାରେ ଇନ୍‌ସୁରାନ୍ସ ଆମ୍ବୁଡ୍‌ସମ୍ୟାନ୍‌ଙ୍କୁ ସମ୍ପର୍କ କରିବାର ପରାମର୍ଶ ଅଭିଯୋଗକାରୀଙ୍କୁ ଦେଇଥାଏ।

ଅସ୍ୱୀକୃତି:

ଏହି ପୁସ୍ତିକା ଆପଣଙ୍କୁ କେବଳ ସାଧାରଣ ସୂଚନା ପ୍ରଦାନ କରିବା ପାଇଁ ଅଟେ ଏବଂ ପରିପୂର୍ଣ୍ଣ ନୁହେଁ। ଏହା ଏକ ଶିକ୍ଷା ଉପକ୍ରମ ଅଟେ ଏବଂ ଆପଣଙ୍କୁ କୌଣସି ଆଇନଗତ ପରାମର୍ଶ ଦିଏ ନାହିଁ।